# ଫେବୃଆରୀ ୧୧ରୁ ଯୋରନ୍ଦା ମାଘମେଳା



■ଶାନ୍ତିଶୃଙ୍ଖଳା ଓ ଧାର୍ମିକ ଭାବନାରେ ଆୟୋଜନ ପାଇଁ ଗୁରୁତ୍ୱ
■ ୨ ଦିନ ଛୁଟି କରିବା ପାଇଁ ସାଧୁ ସନ୍ୟାସୀଙ୍କ ପ୍ରସ୍ତାବ

ଢେଙ୍କାନାଳ,୯।୧(ରତନ ନାୟାର)

ଢେଙ୍କାନାଳ ଜିଲାର ମହିମାଗାଦୀ ଯୋରନ୍ଦାଠାରେ ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମାଘମେଳା ଆସନ୍ତା ଫେବୃଆରୀ ୧୧ ଓ ୧୨ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଗୁରୁବାର ପୂର୍ବାହ୍ନ ୧୧ଟାରେ ଜିଲା କାର୍ଯ୍ୟାଳୟର ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଚଳିତବର୍ଷ ବିଶ୍ୱ ପ୍ରସିଦ୍ଧ ମାଘମେଳାକୁ ଶାନ୍ତିଶୃଙ୍ଖଳା ଓ ଧାର୍ମିକ ଭାବନା ମଧ୍ୟରେ ଆୟୋଜନ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସେହିପରି ମେଳାକୁ ଆସୁଥିବା ଉଠା ଦୋକାନୀମାନଙ୍କୁ ବ୍ୟବସ୍ଥିତ ଭାବେ ବସାଇବା, ଯାତ୍ରା ପଡିଆରେ ଆଲୋକୀକରଣ, ମଦ ଦୋକାନ ବନ୍ଦ ରଖିବା, ନିୟମିତ ବିଦ୍ୟୁତ ଯୋଗାଣ, ନିୟନ୍ତ୍ରଣ କକ୍ଷ, ସିସିଟିଭି କ୍ୟାମେରା ବ୍ୟବସ୍ଥା, ଟ୍ରାଫିକ ବ୍ୟବସ୍ଥା, ବ୍ୟବସ୍ଥିତ ଗାଡି ପାର୍କିଂ, ଆଶୁ ଚିକିତ୍ସା ଓ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଯାତ୍ରା ପଡିଆ ସଂପ୍ରସାରଣ, ପରିମଳ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ଭଜନ ସମାରୋହ, ମନ୍ଦିର ପାର୍ଶ୍ୱରେ ବ୍ୟାରିକେଟ ନିର୍ମାଣ, ଯାତ୍ରା ପଡିଆରେ ଜଳ ସିଞ୍ଚନ ଓ ମହିମା ମହୋତ୍ସବ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ମହିମା ସାଧୁ ସନ୍ୟାସୀମାନେ ଉପସ୍ଥିତ ରହି ବିଶ୍ୱ ପ୍ରସିଦ୍ଧ ମେଘମେଳା ପାଇଁ ଦୁଇଦିନ ଆଞ୍ଚଳିକ ଛୁଟି ତଥା ଲୋକାଲ ହଲିଡେ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ବୈଠକରେ ମହିମା ସନ୍ୟାସୀ ଅବିନାଶୀ ବାବା, ନିତ୍ୟାନନ୍ଦ ବାବା, ରଘୁନାଥ ବାବା, ସୁଶାନ୍ତ ବାବା ଓ ପ୍ରସନ୍ନ ବାବା ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ଏସ୍‌ପି ଅଭିନବ ସୋନକର ଆଇନଶୃଙ୍ଖଳା ରକ୍ଷା ଓ ପୋଲିସ ମୁତୟନ ସମ୍ପର୍କରେ ସୂଚନା ଦେଇଥିଲେ। ଯୋରନ୍ଦା ସରପଞ୍ଚ ଆରତୀ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ ମେଳା ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ । ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି, ଜିଲା ପରିଷଦ ଉନ୍ନୟନ ଅଧିକାରୀ ସୁଜାତା ପ୍ରିୟଦର୍ଶିନୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିଳମଣୀ ଦିଲୀପଚାନ୍ଦ ବେହେରା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମୃତଦେହ ରଖି ରାସ୍ତା ଅବରୋଧ, ଉତ୍ତେଜନା



ମୃତଦେହ ରଖି ଅଂଚଳବାସୀ ରାସ୍ତା ଅବରୋଧ କରିଛନ୍ତି।

## ସୂର୍ଯ୍ୟମଣି ମୃତ୍ୟୁ ମାମଲା

ଢେଙ୍କାନାଳ,୯।୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଶଙ୍କରପୁର ଗ୍ରାମର ସୂର୍ଯ୍ୟମଣୀ ସେନାପତିଙ୍କୁ ବୁଧବାର ଅବକାରୀ ବିଭାଗ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ତାଙ୍କୁ ପିଟି ପିଟି ମାରି ଦେଇଥିବା ସୂର୍ଯ୍ୟମଣୀଙ୍କ ପରିବାର ଅଭିଯୋଗ କରିବା ପରେ ଏହି ଘଟଣାକୁ ନେଇ ଏକ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି । ଗୁରୁବାର ମଧ୍ୟାହ୍ନରେ ସୂର୍ଯ୍ୟମଣୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକ ତାଙ୍କୁ ଶଙ୍କରପୁରକୁ ନେଇଥିଲେ । ସେଠାରେ ଘଟଣାର ବିଧିବଦ୍ଧ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ଓ ପରିବାର ସଦସ୍ୟ ପୁରୁଣା କଟକ-ସମ୍ବଲପୁର ରାସ୍ତାକୁ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଥିଲା। ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ମୃତକଙ୍କ ପରିବାରକୁ ୫୦ଲକ୍ଷ କ୍ଷତିପୂରଣ ଦେବା ପାଇଁ ଶଙ୍କରପୁର ସରପଞ୍ଚ ରବୀନ୍ଦ୍ର କୁମାର ବେହେରା ଦାବି କରିଛନ୍ତି । ସେହିପରି ମୃତ ସୂର୍ଯ୍ୟମଣୀଙ୍କ ସ୍ତ୍ରୀ ମମତା ଓ ମାମୁ ବ୍ରହ୍ମାନନ୍ଦ ମୁଦୁଲି ଏହି ଘଟଣାରେ ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି । ଖବରପାଇ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ, ସଦର ଥାନା ଓ ଭାପୁର ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଁଚି ବୁଝାଶୁଝା କରିଥିଲେ । ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଶୁକ୍ରବାର ସୂର୍ଯ୍ୟମଣୀଙ୍କ ଦୁଇ ସନ୍ତାନ ଥଇଥାନ ସମ୍ପର୍କରେ ଏସ୍‌ପିଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ଏହି ଘଟଣାକୁ ନେଇ ଏକ ଦୁର୍ଘଟଣା ମାମଲା ସଦର ଥାନାରେ ରୁଜୁ ହୋଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।

# ଅବସରପ୍ରାପ୍ତ ସୈନିକ ସଂଘ ପ୍ରଥମ ବାର୍ଷିକ ସାଧାରଣ ବୈଠକ

ଢେଙ୍କାନାଳ,୯।୧(ରତନ ନାୟାର): ଢେଙ୍କାନାଳ ଜିଲା ଅବସରପ୍ରାପ୍ତ ସୈନିକ ସଂଘ ଅଧୀନରେ ତାଳବରକୋଟ ଜୋନ୍‌ର ପ୍ରଥମ ବାର୍ଷିକ ସାଧାରଣ ବୈଠକ ମଙ୍ଗଳବାର ତାଳବରକୋଟ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୈଳାସ ଚନ୍ଦ୍ର ରାଉତ ସଭାପତିତ୍ୱ କରି ଢେଙ୍କାନାଳ ଜିଲାର ପୂର୍ବତନ ସୈନିକଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସଭାରେ ତାଳବାରକୋଟ ଜୋନର ପ୍ରାୟ ୩୫ ଜଣ ସଦସ୍ୟ ଉପସ୍ଥିତ ଥିଲେ। ଗ୍ରୁପ୍‌ର ସଭ୍ୟ ସଂଖ୍ୟା ବୃଦ୍ଧିକରିବା ପାଇଁ ଆଲୋଚନା କରାଗଲା। ତାଳବରକୋଟ ଜୋନ୍‌ର ସମ୍ପାଦକ ଭାବରେ ବିଶ୍ୱପ୍ରିୟ ପଟନାୟକ ଓ ସହ ସମ୍ପାଦକ ଭାବେ ଦିଲ୍ଲୀପ ରାଉତଙ୍କୁ ଚୟନ କରାଯାଇଛି।



ସାଧାରଣ ବୈଠକରେ ଯୋଗଦେଇଥିବା ସଂଘର ସଦସ୍ୟମାନେ।

# ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିମାନେ।

ଢେଙ୍କାନାଳ,୯।୧(ରତନ ନାୟାର)

ଢେଙ୍କାନାଳ ଗଁଦିଆ ବ୍ଲକ୍ କାବେରା ଗ୍ରାମ ପଞ୍ଚାୟତ ବଡ଼ଜେନା ବିଦ୍ୟାପୀଠ କାବେରା ମାଧପୁରରେ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ନନ୍ଦିନୀ ମହାନ୍ତି ସଫଳ ସଂଯୋଜନ କରିଥିଲେ । ଉତ୍ସବର ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସ୍ୱତନ୍ତ୍ର ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ ଛାତ୍ରୀଛାତ୍ରମାନେ କ୍ରୀଡ଼ା କ୍ଷେତ୍ରରେ କଠିନ ପରିଶ୍ରମ କରି ବାପା ମାଆଙ୍କ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ବୃନ୍ଦାବନ ରାଉତ ଓ କାବେରା କ୍ଲଷ୍ଟର ସିଆର୍‌ସିସି ବିଶ୍ୱନାଥ ମାଝି ମଞ୍ଚାସୀନ ଥିଲେ। ୪୫ଟି ଖେଳରେ ପ୍ରାୟ ୩୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସର୍ବଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନ ପାଇଁ ଦଶମ ଶ୍ରେଣୀର ଛାତ୍ର ମଙ୍ଗରାଜ ବେହେରା ଚମ୍ପିୟାନ ହୋଇ ପୁରସ୍କୃତ ହୋଇଥିଲେ। ପୁଷ୍ପାଞ୍ଜଳି ଲେଙ୍କା, ରେଶ୍ମା ମିଶ୍ର, ସୁମନ ମହାନ୍ତି, ସାରଳା ଦଳେଇ, ବିନିତା ପରିଡା, ପ୍ରଦ୍ୟୁମ୍ନ ବେହେରା, ସୁରେଶ ଚନ୍ଦ୍ର ନାୟକ, ସଞ୍ଜୟ ସାହୁ, ଶ୍ରୀନିବାସ ନାୟକ, କାର୍ଯ୍ୟାଳୟ ସହକାରୀ କୈବଲ୍ୟ ଭୋଇ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଜୟନ୍ତୀ ଦେହୁରୀ ଓ ଶେଷ ମଳିକ ପ୍ରମୁଖଙ୍କ ସମେତ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ ।

# ମହିଳା କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ

ଢେଙ୍କାନାଳ,୯।୧(ରତନ ନାୟାର)

ଢେଙ୍କାନାଳ ମହିଳା ସରକାରୀ ଉଚ୍ଚ ମଧ୍ୟମିକ ବିଦ୍ୟାଳୟ ଠାରେ ଗୁରୁବାର ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନ ହୋଇଯାଇଛି। ଛାତ୍ରୀମାନଙ୍କ ପାଇଁ ଏହି ପ୍ରଶିକ୍ଷଣ ଶିବିର ୮ ଦିନ ଧରି ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ କଲେଜର ଅଧକ୍ଷା ଡ. ଶକୁନ୍ତଳା ଜେନା ଯୋଗଦେଇ ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଆବଶ୍ୟକ ହୋଇପଡିଛି। ସେମାନଙ୍କୁ ଏହା ଶାରୀରିକ ଓ ମାନସୀକ ସ୍ତରରେ ସୁଦୃଢ଼ କରିବ । ଅଧାପିକା ଡ. ସରୋଜିନୀ ଦାସ୍ ଓ ଡ. ସାଗରିକା ପଣ୍ଡା ଶିବିରକୁ ସୂଚାର ରୂପେ ସମ୍ପାଦନା କରିଥିଲେ । ପୂଜା ବେହେରା ଓ ରୁନୁବାଳା ବାରିକ୍ ପ୍ରଶିକ୍ଷଣ ପ୍ରଦାନ କରୁଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଛି ।




ମହିଳା କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିମାନେ।

# ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱ




ବନ୍ତଳା,୯।୧ (ସୁଶିତ ସାହୁ)

ଅନୁଗୋଳ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବନ୍ତଳା ଡିଗ୍ରୀ ଉଚ୍ଚତର ମହାବିଦ୍ୟାଳୟରେ ଗୁରୁବାର ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳର ଏନ୍‌ଏସ୍‌ଏସ୍ ୟୁନିଟ୍ ସହଯୋଗରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା କଲେଜ ପରିସରରୁ ବାହାରି ବନ୍ତଳା ଥାନା ପର୍ଯ୍ୟନ୍ତ ଯାଇଥିଲା। ପରେ ଶୋଭାଯାତ୍ରା କଲେଜ ପରିସରକୁ ଫେରିଥିଲା। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ପଦ୍ମଚରଣ ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାତ୍ରା ସମୟରେ ଗାଡ଼ିକୁ ନିୟନ୍ତ୍ରଣରେ ଚଳାଇବା ଓ ନୀତି ନିୟମ ମାନିବା ସହ ଜିରୋ କାଜୁଆଲଟି ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ଏନ୍‌ଏସ୍‌ଏସ୍ ୟୁନିଟ୍ ମୁଖ୍ୟ ବବିତା ପ୍ରଧାନ, ଗଙ୍ଗାଧର ସାହୁ, ବିବେକାନନ୍ଦ ପଟ୍ଟନାୟକ, ଅଶୋକ କୁମାର ଷଡ଼ଙ୍ଗୀ, ସୁରେଶ ଚନ୍ଦ୍ର ସାହୁ, ବିଶେଶ୍ୱର ବିଶୋଇ, ବିନୟ କୁମାର ସାହୁ, ପପୁନ ସାମନ୍ତଙ୍କ ସମେତ କଲେଜର ଅଧ୍ୟାପିକା ଅଧ୍ୟାପକମାନେ ସହଯୋଗ କରିଥିଲେ।

# ଜିଲା ଓ ଦୌରାଜଜ୍‌ଙ୍କୁ ସମସ୍ୟା ଜଣାଇଲା ଓକିଲ ସଂଘ

ବଇଣ୍ଡା,୯।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଓ ଦୌରାଜଜ୍ ଦାମୋଦର ରଥ ଆଠମଲ୍ଲିକ ସିଭିଲ କୋର୍ଟକୁ ସରକାରୀ ଗସ୍ତରେ ଆସିଥିବାବେଳେ ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ଆଇନଜୀବୀମାନେ ତାଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ବିଚାରପତି ରଥ ମଧ୍ୟ ଓକିଲ ସଂଘକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ନବୀକରଣ ହୋଇ ବନ୍ଦ ପଡ଼ି ରହିଥିବା ପୁରୁଣା ସବଜଜ୍‌କୋର୍ଟ କୋଠାରେ ପୋକ୍‌ସୋ କ୍ୟାମ୍ପକୋର୍ଟ କରାଯିବା, ସିଭିଲକୋର୍ଟର ପ୍ରବେଶ ପଥକୁ ଆକର୍ଷଣୀୟ କରିବା ସହ ବୁଲା ଗୋରୁ ଓ କୁକୁର ନ ପଶିବାକୁ ଏକ କାଓକ୍ୟାଚର ନିର୍ମାଣ, କୋର୍ଟ କାର୍ଯ୍ୟରେ ଆସୁଥିବା ମହିଳାମାନଙ୍କ ପାଇଁ ଶୌଚାଳୟ ନିର୍ମାଣ ଉପରେ ଆଇନଜୀବୀମାନେ ବିଚାରପିତି ରଥଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ସବଜଜ୍ ଶୁଭଙ୍କର ମିଶ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପସଭାପତି ଉଗ୍ରସେନ ସେଠୀ, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖୀ, ସହ ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନନ୍ଦିଆ, କୋଷାଧ୍ୟକ୍ଷ ବିଶ୍ୱସୁନ୍ଦର ଶତପଥୀ, ଆଇନଜୀବୀ ଜିତେନ କୁମାର ମିଶ୍ର, ବାମନ କୁମାର ମିଶ୍ର, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଅନ୍ତର୍ଯ୍ୟାମୀ ରାଉଳ, ସରକାରୀ ଓକିଲ ରଞ୍ଜନ କୁମାର ବେହେରା, ଅଲେଖ ଚନ୍ଦ୍ର କର୍ମୀ, ରାମଚନ୍ଦ୍ର କର୍ଣ୍ଣ, ଗଣେଶ ଚନ୍ଦ୍ର କର୍ମୀ, ରାଜେଶ କୁମାର ମିଶ୍ର, ନୋଟାରୀ ସୁଧାଂଶୁ କୁମାର ଶତପଥୀ, ନାରାୟଣ ପ୍ରସାଦ ଦାଶ, ମାଧବଚନ୍ଦ୍ର ସାହୁ, ପୀତବାସ ସାହୁ, ଲଲାଟେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଗୋଳ ଜିଲା ଓ ଦୌରାଜଜ୍ ଦାମୋଦର ରଥଙ୍କ ସହ ଓକିଲ ସଂଘ କର୍ମକର୍ତ୍ତା।

# ମିଳିମିଶି କାମ କରିବା ଉପରେ ଗୁରୁତ୍ୱ

ବଇଣ୍ଡା, ୯।୧ (ପରିକ୍ଷିତ ସାହୁ)

ଆଠମଲ୍ଲିକ ସିଭିଲ କୋର୍ଟରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ଭାବେ ଯୋଗ ଦେଇଥିବା ରଞ୍ଜନ କୁମାର ସୂତାରଙ୍କୁ ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସଂଘ କର୍ମକର୍ତ୍ତା ଓ ଆଇନଜୀବୀମାନେ ସ୍ୱାଗତ କରିବା ସହ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ସୂତାର ବାର୍ ଓ ବେଞ୍ଚ ମଧ୍ୟରେ ଉତ୍ତମ ସମ୍ପର୍କ ରଖି ମିଳିମିଶି କାମ କରିବା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପସଭାପତି ଉଗ୍ରସେନ ସେଠୀ, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖୀ, ସହସମ୍ପାଦକ ଆର୍ଯ୍ୟଭଟ୍ଟ ମହାନନ୍ଦିଆ, କୋଷାଧ୍ୟକ୍ଷ ବିଶ୍ୱସୁନ୍ଦର ଶତପଥୀ, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଅନ୍ତର୍ଯାମୀ ରାଉଳ, ଜିତେନ କୁମାର ମିଶ୍ର, ବାମନ କୁମାର ମିଶ୍ର, ସୁଧାଂଶୁ କୁମାର ଶତପଥୀ, ମାଧବ ଚନ୍ଦ୍ର ସାହୁ, ରାମଚନ୍ଦ୍ର କର୍ଣ୍ଣ, ଅଲେଖ ଚନ୍ଦ୍ର କର୍ମୀ, ପୀତବାସ ସାହୁ, ସରକାରୀ ଓକିଲ ରଞ୍ଜନ କୁମାର ବେହେରା, ଗଣେଶ ଚନ୍ଦ୍ର କର୍ମୀ, ଲଲାଟେନ୍ଦୁ ଦାଶ ଓ ସୁନୀଲ କୁମାର ପ୍ରଧାନ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କୁ ଆଠମଲ୍ଲିକ ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯାଉଛି।

# କେନ୍ଦ୍ରୀୟ ବିଦ୍ୟାଳୟ ଅଧିକାରୀଙ୍କ ଆଠମଲ୍ଲିକ ଗସ୍ତ

ଆଠମଲ୍ଲିକ,୯।୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଉପଖଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ତତ୍ପରତା ପ୍ରକାଶ ପାଇଚି। ଗୁରୁବାର କେନ୍ଦ୍ରୀୟ ବିଦ୍ୟାଳୟ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ଆସିଷ୍ଟାଣ୍ଟ କମିଶନର ବିରବଲ ଧୀନୱା, ଅନୁଗୋଳ କେନ୍ଦ୍ରୀୟ ବିଦ୍ୟାଳୟ (୧) ଅଧକ୍ଷ ଏଚ. ପି. ଚାନ୍ଦ ଆଠମଲ୍ଲିକ ଗସ୍ତରେ ଆସି ଅସ୍ଥାୟୀ ଭାବରେ ଚାଲିବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ଆଠମଲ୍ଲିକ କଲେଜ ଓ ସ୍ଥାୟୀ କୋଠା ନିର୍ମାଣ ହେବାକୁ ଥିବା ସରକାରୀ ଜାଗା ସ୍ଥିତି ଅନୁଧାନ କରିଥିଲେ। କେନ୍ଦ୍ରୀୟ ଅଧିକାରୀଙ୍କ ସହିତ ଉପଜିଲାପାଳ ଡ. ଦିଲୀପ କୁମାର ବେହେରା, ତହସିଲଦାର ପ୍ରସନ୍ନ ଟେଟେଙ୍କ ସମେତ କେତେଜଣ ଅଧିକାରୀ ଉପସ୍ଥିତ ଥିଲେ।

# ମାସେ ହେଲା ପାନୀୟଜଳ ମିଳୁନି

ବନ୍ତଳା, ୯।୧(ସୁଶିତ ସାହୁ):

ଅନୁଗୋଳ ବ୍ଲକ ଶଙ୍ଖପୁର ପଞ୍ଚାୟତ ଖାଲଗାଁରେ ମାସେ ହେବ ପାନୀୟଜଳ ଯୋଗାଣ ବନ୍ଦ କରି ଦିଆଯାଇଥିବାରୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଖାଲଗାଁ ତଳସାଇରେ ଡ୍ରେନ ନିର୍ମାଣ ପାଇଁ ମାଟି ଖୋଳାଯାଉଥିବା ବେଳେ ଗାଁକୁ ଯାଇଥିବା ମୁଖ୍ୟ ପାନୀୟଜଳ ପାଇପକୁ କାଟି ଦିଆଯାଇଛି। ପାଖରେ ଥିବା ଏକ ନଳକୂଅର ଟେନକୁ ମଧ୍ୟ କାଟି ଦିଆଯାଇଛି ବୋଲି ବାବୁଲି ସାହୁ, ଉକାଳୁ ଦେହୁରୀ, କେଳା ନାୟକ, ବିକ୍ରମ ନାୟକ, ବବୁଲ ପ୍ରଧାନ, ଟି ଦେହୁରୀ, ବଗା ଦେହୁରୀ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି, ଲୋକଙ୍କ ସୁବିଧା ପାଇଁ ଡ୍ରେନ୍ ନିର୍ମାଣ ଚାଲିଛି। ୭ ଦିନ ହେବ ପାଇପ୍ ଲାଇନ୍ ଓ ନଳକୂଅ ବନ୍ଦ କରିଛୁ। ଖୁବ୍‌ଶୀଘ୍ର ଜଳଯୋଗାଣ କରାଯିବ। ଗ୍ରାମ୍ୟ ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ନମିତା ବେହେରା କହିଛନ୍ତି, ପାନୀୟ ଜଳର



ମୁଖ୍ୟ ପାଇପ ଲାଇନ ଉଚ୍ଛେଦ ଉଚିତ୍ ନ ଥିଲା। ଡ୍ରେନ୍ ନିର୍ମାଣ ପାଇଁ ସରପଞ୍ଚଙ୍କ ଅନୁରୋଧ ଯୋଗୁ ମୁଖ୍ୟ ପାଇପ୍ ଲାଇନ କଟାଯାଇଛି। ଯଦି ସରପଞ୍ଚ କହିବେ ତେବେ ତୁରନ୍ତ ସଂଯୋଗ କରିଦିଆଯିବ।

# ବରିଷ୍ଠରେ ସୁଭଦ୍ରା ଓ ତ୍ରୟମ, କନିଷ୍ଠରେ ଲଭ୍‌ଲି ଶ୍ରେଷ୍ଠ



## ୪୪ ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ଭୁବନ, ୯।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାଲିବୋ ସରକାରୀ ଉଚ୍ଚ ବିଦ୍ୟାଳୟର ୪୪ତମ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଉଦଯାପିତ ହୋଇଯାଇଛି। ବରିଷ୍ଠ ଓ କନିଷ୍ଠ ବିଭାଗରେ ଛାତ୍ରୀଛାତ୍ର ଭାଗନେଇଥିଲେ। ବାର୍ଷିକ କ୍ରୀଡ଼ାକୁ ଶାରୀରିକ ଶିକ୍ଷକ ନରହରୀ ନାୟକ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାର୍ତ୍ତିକ ପେଣ୍ଡୋଇ ସଭାପତିତ୍ୱ କରିଥିବା ବେଳେ ବିଆରସିସି ରାଜଲକ୍ଷ୍ମୀ ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଛାତ୍ରୀଛାତ୍ରମାନଙ୍କୁ ଆଗକୁ ଯିବାର ମାର୍ଗ ଦେବା ସହିତ ଶରୀରରେ ସୁସ୍ଥ ବାତାବରଣ ଆଣିଦେଇଥାଏ ବୋଲି କହିଥିଲେ। ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶର ବେହେରା, ଅସରପ୍ରାପ୍ତ ବିଆରସିସି ପୁଷ୍ପାଞ୍ଜଳୀ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ରାଉଳ, ଆଲୁମ୍‌ନି ସଭାପତି ବିରଞ୍ଚି ନାରାୟଣ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ୧୦ମ ଶ୍ରେଣୀ ଛାତ୍ରୀ ମାନସୀ ମହାଳିକ ପରିଚାଳନା କରିଥିଲେ । ବରିଷ୍ଠ ବିଭାଗର ବାଳିକାମାନଙ୍କ ପକ୍ଷରୁ ୯ମ ଶ୍ରେଣୀ ଛାତ୍ରୀ ସୁଭଦ୍ରା ଦେହୁରୀ, ବାଳକ ବିଭାଗରେ ୧୦ମ ଶ୍ରେଣୀ ଛାତ୍ର ତ୍ରୟମ ସ୍ୱାଇଁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। କନିଷ୍ଠ ବିଭାଗରେ ୮ମ ଶ୍ରେଣୀ ଛାତ୍ରୀ ଲଭଲି ଦାସ ଓ ବାଳକ ବିଭାଗର ୮ମ ଶ୍ରେଣୀ ଛାତ୍ର ଜଗନ୍ନାଥ ବରାଳ ଶ୍ରେଷ୍ଠ ହୋଇ ପୁରସ୍କୃତ ହୋଇଥିଲେ। ଶିକ୍ଷୟତ୍ରୀ ହିରଣ୍ମୟୀ ସାହୁ, ଶୁଭକାନ୍ତୀ ବେହେରା, ଉତ୍କଳିକା ସେଠୀ, ସ୍ମୃତିଶ୍ରୀ ରାଉତ, ପ୍ରଫୁଲ୍ଲ କୁମାର ବାରିକ, ଅର୍ଜୁନ କୁମାର ବେହେରା, ଟୁକୁ ବେହେରା, ଯୁଗଳ କିଶୋର ବେହେରା, ଚିନ୍ତାମଣି ବେହେରା, ଜ୍ଞାନରଞ୍ଜନ ବାରିକ ଓ ଶ୍ରୀଧର ରାଉଳଙ୍କ ସମେତ କର୍ମଚାରୀ, ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗଦେଇଥିଲେ।

# ପୋଲିସ ପକ୍ଷରୁ ସଚେତନତା

ପରଜଙ୍ଗ, ୯।୧(ନିଗମାନନ୍ଦ ଦଳବେହେରା)



ପରଜଙ୍ଗ ଥାନା ଅନ୍ତର୍ଗତ ବିଭିନ୍ନ ଛୋଟ ବଡ଼ ବଜାରଗୁଡ଼ିକର ଦୋକାନଗୁଡ଼ିକୁ ପରଜଙ୍ଗ ଥାନା ତରଫରୁ ସଚେତନ କରାଯାଇଛି। ଥାନା ଅଧିକାରୀ ପ୍ରିୟବ୍ରତ ଦାସଙ୍କ ତତ୍ତ୍ୱାବଧାନରେ ଦୁଇ ଜଣ ଏସଆଇ, ୩ଜଣ ଏଏସ୍‌ଆଇ, ୧୦ଜଣ କନଷ୍ଟେବଲଙ୍କୁ ନେଇ ଦୋକାନ ସବୁ ବୁଲି ସଚେତନ କରୁଛନ୍ତି। ଥାନାର ମୋବାଇଲ ନମ୍ବର ମଧ୍ୟ ଦିଆଯାଉଛି। ଆଖପାଖ ଜିଲାଗୁଡିକରେ ଯେଉଁ ପ୍ରକାର ଚୋରି, ଡକାୟତି ବଢ଼ିଚାଲିଛି, ତାହାକୁ ଆଖି ଆଗରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

# ସଚ୍ଚିଦାନନ୍ଦ କଲେଜରେ ଆତ୍ମରକ୍ଷା କୌଶଳ ଶିବିର

ଢେଙ୍କାନାଳ,୯।୧(ରତନ ନାୟାର):

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗତ ୬ ତାରିଖରେ ଉଦଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଉପାଧ୍ୟକ୍ଷ ସମରେନ୍ଦ୍ର ସିଂ ଶିବିରକୁ ଉଦଘାଟନ କର ପାଠପଢା ସାଙ୍ଗକୁ ଆତ୍ମରକ୍ଷା କୌଶଳର ଆବଶ୍ୟକତା ରହିଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧାପିକା ସସ୍ମିତା ମହାପାତ୍ର, ଅଧାପକ ନିହାର ରଞ୍ଜନ ମଲ୍ଲିକ, ଡେମୋନଷ୍ଟ୍ରେଟର ସୁଶିଲ କୁମାର ନାୟକ ଓ ଖେଳ ଶିକ୍ଷକ ଚିରଞ୍ଜୀବ ବୋଷ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ କଲେଜର ୭୧ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବା ଅକ୍ଷିମା ପ୍ରିୟଦର୍ଶିନୀ ପ୍ରଶିକ୍ଷଣ ପ୍ରଦାନ କରୁଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ଦୁର୍ଗାମାଧବ ପାଣିଗ୍ରାହୀଙ୍କ ଦ୍ୱାରା ପରିଚାଳନା ହେଉଛି ।

# ଏଟିଏମ୍ ଭାଙ୍ଗି ୮ଲକ୍ଷ ୯୬ ହଜାର ଲୁଟ୍

ଢେଙ୍କାନାଳ,୯।୧(ରତନ ନାୟାର)



■ରାଜସ୍ଥାନ ଅଞ୍ଚଳର ୪ ଅଟକ
■ନଗଦ ୮.୨୭ ଲକ୍ଷ ଟଙ୍କା ସହ ଟ୍ରକ୍ ଓ କାର ଜବତ
■ହାତୀପଲ ଧରାଇଦେଲେ

ଢେଙ୍କାନାଳ ଜିଲା ସଦର ଥାନା ପଞ୍ଚୁପଟିସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଅଫ ଇଣ୍ଡିଆର ଏଟିଏମ୍‌କୁ ଗୁରୁବାର ଭୋର ସମୟରେ ୬ଜଣ ଦୁର୍ବୃତ୍ତ ଭଙ୍ଗାରୁଜା ଓ ଜଳାପୋଡ଼ା କରି ୮ଲକ୍ଷ ୯୬ହଜାର ଟଙ୍କା ଲୁଟି ନେଇଥିଲେ। ଏପରିକି ଦୁର୍ବୃତ୍ତମାନେ ସିସିଟିଭି କ୍ୟାମେରା ଉପରେ ଏକ ଲିକ୍ୟୁଡି ସ୍ପ୍ରେ କରିଥିଲେ, ଯେପିରକି ଲୁଟ୍ ସମୟର ଦୃଶ୍ୟ ରେକର୍ଡିଂ ହୋଇପାରିବ ନାହିଁ । ଦୁର୍ବୃତ୍ତମାନେ ଏଟିଏମ୍‌କୁ ଭଙ୍ଗାରୁଜା କରିବା ସହିତ ଗ୍ୟାସ୍ କଟରରେ କାଟି ଟଙ୍କା ଲୁଟ୍ ଓ ପରେ ଏହାକୁ ପୋଡ଼ାଜଳା କରିଥିଲେ । ଲୁଟ୍ ସମୟରେ ସେନସର ମାଧ୍ୟମରେ ଏଟିଏମ୍ ପରିଚାଳନା କରୁଥିବା କର୍ତ୍ତୃପକ୍ଷ ଜାଣିପାରି ବିଳମ୍ବିତ ରାତିରେ ଏସ୍‌ପିଙ୍କୁ ଫୋନ କରିଥିଲେ। ଫଳରେ ଢେଙ୍କାନାଳ ପୋଲିସର ଏକ ଦଳ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଦୁର୍ବୃତ୍ତମାନେ ଟଙ୍କାଧରି ଖସି ପଳାଉଥିବା ସମୟରେ ହଠାତ୍ ୫୫ନଂ ଜାତୀୟ ରାଜପଥରେ ହାତୀପଲ ପାର ହେଉଥିଲେ। ବନବିଭାଗ କର୍ମଚାରୀମାନେ ଗାଡିଗୁଡ଼ିକୁ ଅଟକାଇବାରୁ ଦୁର୍ବୃତ୍ତମାନେ ମଧ୍ୟ ଅଟକି ଯାଇଥିଲେ । ସେହି ସମୟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାନବାହାନ ଯାଞ୍ଚ କରିବା ପରେ ଦୁର୍ବୃତ୍ତମାନଙ୍କ ମଧ୍ୟରୁ ୨ଜଣଙ୍କୁ ଧରିଥିବା ବେଳେ ୪ଜଣ କାର ଓ ଟ୍ରକ୍ ନେଇ ଖସି ପଳାଇଥିଲେ । ଟ୍ରକ୍‌କୁ ମୋଟଙ୍ଗା ଥାନା ଅଞ୍ଚଳରୁ ଜବତ କରାଯାଇଥିବା ବେଳେ କାର୍‌କୁ ବରଗଡ଼ ଜିଲା ସୋହେଲା ଥାନା ଅଞ୍ଚଳରୁ ଜବତ କରାଯାଇ ଫେରାର ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ଦୁଇଜଣ ବର୍ତ୍ତମାନ ସୁଦ୍ଧା ଫେରାର ଥିବା ଜଣାପଡିଛି । ଢେଙ୍କାନାଳ ପୋଲିସ, ସୋହେଲା ପୋଲିସ ସହାୟତାରେ କାର ଓ ଅନ୍ୟ ଦୁଇଜଣଙ୍କୁ ଧରି ଢେଙ୍କାନାଳ ଆଣୁଥିବା ଏସ୍‌ପି ଅଭିନବ ସୋନକର ଗୁରୁବାର ରାତି ୮ଟାରେ ଜିଲା ପୋଲିସ କାର୍ଯ୍ୟାଳୟରେ ସୂଚନା ଦେଇଛନ୍ତି । ଧରାପଡ଼ିଥିବା ଅଭିଯୁକ୍ତମାନେ ରାଜସ୍ଥାନର ମେୱାଟ ଅଞ୍ଚଳର ବୋଲି ଜଣାପଡିଛି। ସେମାନେ କଣ୍ଟାବଣିଆ ଥାନା ଅଞ୍ଚଳରେ ଏକ କମ୍ପାନୀରେ ଟ୍ରକ୍‌ରେ ମାଲ ଆଣି ଅନଲୋଡ କରି କାର ଓ ଟ୍ରକ୍ ନେଇ ଫେରୁଥିବା ବେଳେ ଜାତୀୟ ରାଜପଥ କଡ଼ରେ ଥିବା ଏଟିଏମ୍‌ଗୁଡିକ ଉପରେ ନଜର ପକାଇଥିବା ପୋଲିସ ସୂଚନାରୁ ଜଣାପଡିଛି। ଏ ସଂକ୍ରାନ୍ତରେ ବାହାର ଜିଲା ପୋଲିସକୁ ମଧ୍ୟ ସୂଚନା ଦିଆଯାଇଥିବା ଏସ୍‌ପି କୁହନ୍ତି । ଶୁକ୍ରବାର ସମସ୍ତ ଘଟଣାର ପର୍ଦ୍ଦାଫାସ ହେବ ବୋଲି ଏସ୍‌ପି କହିଥିଲେ । ଦୁର୍ବୃତମାନଙ୍କ ଠାରୁ ନଗଦ ୮ଲକ୍ଷ ୨୭ ହଜାର ଟଙ୍କା, ଟ୍ରକ୍, କାର୍, ଗ୍ୟାସ କଟର ଆଦି ଜବତ କରାଯାଇଛି। ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ସଦର ଥାନା ଅଧିକାରୀ ଦୀପକ ଲେଙ୍କା ଘଟଣା ସ୍ଥଳରେ ପହଞ୍ଚି ଦୁର୍ବୃତ୍ତମାନଙ୍କୁ ଧରିଥିବା ଜଣାପଡିଛି।

ଫଟୋ- ୮-୫୫ନଂ ଜାତୀୟ ରାଜପଥ ପଂଚୁପଟିଠାରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ ଭଙ୍ଗାରୁଜା କରି ଲୁଟ୍।

# ଦେହୁରୀ ମୋଟର୍ସର ଏମ୍‌ଡି ଗିରଫ

ପରଜଙ୍ଗ,୯।୧(ନିଗମାନନ୍ଦ ଦଳବେହେରା)

## ଦୁର୍ଘଟଣାଗ୍ରସ୍ତ ଗାଡ଼ି ବିକ୍ରି କରିବା ଘଟଣା

ପରଜଙ୍ଗ ଥାନା କୁଆଳୋ ପଞ୍ଚାୟତ ଅନ୍ତର୍ଗତ ପରମହଂସପୁର ଛକ ନିକଟରେ ଥିବା ଟାଟା ସ୍ୱୀକୃତିପ୍ରାପ୍ତ ଦେହୁରୀ ମୋଟର୍ସରେ ମରାମତି ପାଇଁ ଭର୍ତ୍ତି ହେଉଥିବା ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ବିକ୍ରି କରିଦେବା ଅଭିଯୋଗରେ ପୋଲିସ ବୁଧବାର କମ୍ପାନୀର ମାଲିକ ତଥା ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସତ୍ୟବାନ ଦେହୁରୀଙ୍କୁ ଗିରଫ କରିଛି।

ସୂଚନା ମୁତାବକ, ଅନୁଗୋଳ ଜିଲା ପଞ୍ଚାୟତ ଇଣ୍ଡଷ୍ଟ୍ରି ଛକ ନିବାସୀ ମାନସ ରଞ୍ଜନ ଭଞ୍ଜଙ୍କ ଭାଗୀଦାରିରେ ଥିବା ଏଜିଏମ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଫାର୍ମର ଗାଡ଼ିଗୁଡ଼ିକ ଦେହୁରୀ ମୋଟର୍ସରେ ମରାମତି ହୋଇଥାଏ। ଫାର୍ମର ଦୁଇଟି ହାଇୱା ଗାଡ଼ି (ଓଡି୧୯କ୍ୟୁ-୫୩୧୮ ଓ ଓଡି୧୯ଏଲ-୩୯୧୮) ଗତ ୨୦୨୦ ଜୁଲାଇ ୨୦ ଓ ୨୦୨୨ ଜାନୁଆରୀ ୯ ତାରିଖରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଦେହୁରୀ ମୋଟର୍ସରେ ମରାମତି ପାଇଁ ଭର୍ତ୍ତି କରାଯାଇଥିଲା। ଗାଡ଼ି ଦୁଇଟିକୁ ମରାମତି କରାଯାଇ ଏକ ମାସ ମଧ୍ୟରେ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଉଭୟ ଗାଡ଼ିର ବୀମା କମ୍ପାନୀ ଅଧିକାରୀମାନେ ଆସି ମୂଲ୍ୟାୟନ କରି ମରାମତି ପାଇଁ ୬.୯ ଲକ୍ଷ ଓ ୨.୨୨ ଲକ୍ଷ ଟଙ୍କା ଦେହୁରୀ ମୋଟର୍ସରେ ପୈଠ କରିଥିଲେ। କିନ୍ତୁ ଗାଡ଼ି ମାଲିକଙ୍କୁ ମରାମତି ପାଇଁ ଦେହୁରୀ ମୋଟର୍ସ ଅଧିକ ଟଙ୍କା ଦାବି କରିଥିଲେ, ଯାହାକୁ ଗାଡ଼ି ମାଲିକ ବିରୋଧ କରିଥିଲେ। ଫଳରେ ଦେହୁରୀ ମୋଟର୍ସ ଗାଡ଼ି ଦେଇ ନ ଥିଲା। ଗତ ସେପ୍ଟେମ୍ବରରେ ଏଜିଏମ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଫାର୍ମର କର୍ମଚାରୀ ବିକାଶ ବିଶ୍ୱାଳ ଦେହୁରୀ ମୋଟର୍ସକୁ ଆସି ଦେଖିଲା ବେଳକୁ ହାଇୱା ଦୁଇଟି ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ପଡ଼ିରହିଛି। ତାହାକୁ ଫଟୋ, ଭିଡିଓ ଉତ୍ତୋଳନ କରିବା ସମୟରେ ମୋଟର୍ସର କିଛି କର୍ମଚାରୀ ଧମକଚମକ ଦେଇ ବାହାରକୁ ତଡ଼ି ଦେଇଥିଲେ। ଏହି ଘଟଣାକୁ ନେଇ ଭଞ୍ଜ ଗତ ନଭେମ୍ବର ୨୮ ତାରିଖରେ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୨୪/୨୦୨୪ରେ ମାମଲା ରୁଜୁ କରିବା ସହିତ ତଦନ୍ତ ନିମନ୍ତେ ଦେହୁରୀ ମୋଟର୍ସ ପରିସରକୁ ଯାଇଥିଲେ। ଟାଟା କମ୍ପାନୀର ଆଦେଶ କ୍ରମେ ଆମେ ଗାଡ଼ିକୁ ଖଣ୍ଡ ବିଖଣ୍ଡିତ କରି ବିକ୍ରୟ କରିଦେଇଛୁ ବୋଲି ଦେହୁରୀ ମୋଟର୍ସ ପକ୍ଷରୁ ତଦନ୍ତକାରୀ ଅଧିକାରୀ ରଞ୍ଜିତ କୁମାର ପ୍ରଧାନଙ୍କୁ ଅବଗତ କରାଇଥିଲେ। ଅନ୍ୟପକ୍ଷରେ ଶୂନ୍ୟ ଅବମୂଲ୍ୟାୟନ ସ୍କିମ ରହିଥିବାରୁ ବୀମା କମ୍ପାନୀ ସମସ୍ତ ଗାଡ଼ି ମରାମତି ପାଇଁ ଅର୍ଥ ପୈଠକରିବ ବୋଲି ଗାଡ଼ି ମାଲିକ ଅଡ଼ି ବସିଥିଲେ। ଉଭୟ ପକ୍ଷ ନିଜର ଦସ୍ତାବିଜ ଆଣି ଥାନାରେ ଦାଖଲ କରିବା ପାଇଁ ପୋଲିସ କହିଥିଲା। ତେବେ ଦେହୁରୀ ମୋଟର୍ସ ପକ୍ଷରୁ କୌଣସି ଦସ୍ତାବିଜ ଦର୍ଶାଯାଇ ପାରି ନ ଥିଲା। ଫଳରେ ଦେହୁରୀ ମୋଟର୍ସର ମାଲିକ ତଥା ଏମ୍‌ଡି ସତ୍ୟବାନ ଦେହୁରୀଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସମ୍ପୃକ୍ତ ମୋଟର୍ସର ପ୍ରବନ୍ଧକ, କର୍ମଚାରୀମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ଓ ଦୋଷୀଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ପ୍ରଧାନ କହିଛନ୍ତି। ତେବେ ଦେହୁରୀ ମୋଟର୍ସର ମାଲିକାନା ଦୁଇ ଜଣଙ୍କ ନାମରେ ରହିଥିବାରୁ ଅନ୍ୟ ଜଣଙ୍କୁ ମଧ୍ୟ ଗିରଫ କରିବାକୁ ଗାଡ଼ି ମାଲିକ ଭଞ୍ଜ ଦାବି କରିଛନ୍ତି।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବଇଣ୍ଡା,୯।୧ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଅଏଡ଼ା ପଞ୍ଚାୟତରେ ସମାଧାନ ଶିକ୍ଷା ନିକେତନରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ପରିଚାଳନା କମିଟି ସଭାପତି ପ୍ରଭଞ୍ଜନ ଉତ୍ସବର ଶୁଭାରମ୍ଭ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ରାମଚନ୍ଦ୍ର ପ୍ରଧାନ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ମାନବାଧିକାର ସଙ୍ଗଠନ ଅନୁଗୋଳ ଜିଲା ସଭାପତି ଶତ୍ରୁଘ୍ନ ସାହୁ, ସମାଧାନ ଶିକ୍ଷା ନିକେତନ ଉପଦେଷ୍ଟା ମାଧବ ଚନ୍ଦ୍ର ସାହୁ, ଅରବିନ୍ଦ ଖେତି, ଅଧ୍ୟକ୍ଷ ରମେଶ ମହାନ୍ତି, ଖେଳ ଶିକ୍ଷକ ପ୍ରଭୁ ରଞ୍ଜନ ପ୍ରଧାନ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଙ୍ଗଠନର ନିର୍ଦ୍ଦେଶକ ବିନୟ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ କ୍ରିଷ୍ଣାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ନରହରି ପ୍ରଧାନ, ବିଶାଲ ସାହୁ, ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ଖେତି, ଲିପିକା ବେହେରା, ଶୁଭଶ୍ରୀ ଦେହୁରୀ, ମାମାଲି ତରିଆ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ ।



# ସ୍ନାତକ ମହାବିଦ୍ୟାଳୟରେ ପୁରାତନ ଛାତ୍ରଙ୍କ ବୈଠକ

ବଇଣ୍ଡା, ୯।୧ (ପରିକ୍ଷିତ ସାହୁ)

ଗଙ୍ଗାଧର ମହାବିଦ୍ୟାଳୟର ପୁରାତନ ଛାତ୍ରଙ୍କ ଏକ ବୈଠକ କିଶୋରନଗର ସ୍ନାତକ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ପ୍ରଧାନ, ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ, ସାମାଜିକ କର୍ମୀ ଦୁର୍ଗା ଚରଣ ପାଢ଼ୀ, ସୁରେନ୍ଦ୍ର ନାରାୟଣ ପ୍ରଧାନ, ଖମାର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜ କୁମାର ପ୍ରଧାନ, ରେଙ୍ଗାଳି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ହେମନ୍ତ କୁମାର ଦିହୁଡି, ବଅଁରପାଳ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଭୀମଭୋଇ ମହାବିଦ୍ୟାଳୟ ପ୍ରାଧ୍ୟାପକ ଅକ୍ଷୟ କୁମାର କର, ବନ୍ତଳା କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ କେଶବ ଚନ୍ଦ୍ର ସାହୁ, ଅନୁଗୋଳ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ହୃଷିକେଶ ସାହୁ, ଜନତା ମହାବିଦ୍ୟାଳୟ ବଇଣ୍ଡା ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ, ଠାକୁରଗଡ଼ ମହାବିଦ୍ୟାଳୟ ଇତିହାସ ଅଧ୍ୟାପକ ସନ୍ତୋଷ କୁମାର ପ୍ରଧାନ, ଅଙ୍ଗପଡ଼ାର ଭବାନୀ ଶଙ୍କର ପ୍ରଧାନ, କିଶୋରନଗର ଯୁକ୍ତ ମହାବିଦ୍ୟାଳୟର ସୁଶାନ୍ତ ପ୍ରଧାନ, କିଶୋରନଗର ଯୁକ୍ତ ୩ ମହାବିଦ୍ୟାଳୟର ଅକ୍ଷୟ କୁମାର ଦାଶ, ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ତରଣୀସେନ ସାହୁ, ପାର୍ଥ ସାରଥୀ ମିଶ୍ର, ସନ୍ତୋଷ କୁମାର ପୁରୋହିତ, କିଶୋର ସାହୁ, ରଞ୍ଜିତ ସାହୁ, ସୁଶାନ୍ତ ପ୍ରଧାନ, କୈଳାସ ସାହୁ, ବିଜୟ କୁମାର ପ୍ରଧାନ, ଦୀପକ କୁମାର ବେହେରା, ଯୋଗେଶ୍ୱର ପୃଷ୍ଟି, ଅଖିଳ ପ୍ରଧାନ ଯୋଗଦେଇଥିଲେ। ପୁରାତନ ଛାତ୍ର ଜବାହରଲାଲ ପ୍ରଧାନଙ୍କ ବାସଭବନକୁ ଯାଇ ତାଙ୍କୁ ସାକ୍ଷାତ କରିଥିଲେ। ମହାବିଦ୍ୟାଳୟର କିଭଳି ଉନ୍ନତି ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗ ଦେଇଥିବା ପୁରାତନ ଛାତ୍ରମାନେ।

# ଜେଜେବାପା ଜେଜେମା ସମ୍ମିଳନୀ

ଆଠମଲ୍ଲିକ,୯।୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ବାଳକନ୍ୟା ଶିବିର ସହିତ ଜେଜେବାପା ଜେଜେମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ରାଧାମୋହନ ତ୍ରିପାଠୀ ଯୋଗଦେଇ ସମାଜରେ ନାରୀର ଭୂମିକା ଉପରେ ବ୍ୟାଖ୍ୟା କରିଥିଲେ। ଅନ୍ୟତମ ଅତିଥି ଭାବେ ନର୍ସିଂ ଅଫିସର ସ୍ନିଗ୍ଧାରାଣୀ ସିଂ ଯୋଗଦେଇ ସ୍ୱାସ୍ଥ୍ୟ ଓ ନୈତିକ ଶିକ୍ଷା ଉପରେ ବୁଝାଇଥିଲେ। ଦ୍ୱିତୀୟ ବୈଠକରେ ପଣ୍ଡିତ ତ୍ରିପାଠୀ, ଉଦୀପ୍ତ ପୁରୋହିତ, କମଳାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଆଧ୍ୟାତ୍ମିକ ଶିକ୍ଷା ଦ୍ୱାରା ଏକାଗ୍ରତା ସହ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଆଣି ଦେଇଥାଏ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଙ୍କୁ ନେଇ ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ଆଦିତ୍ୟ କୁମାର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ଥାଟି, ଆଚାର୍ଯ୍ୟ ବିଶ୍ୱାମିତ୍ର ଅଦାବର, ଆଚାର୍ଯ୍ୟା ବବିତା ପାତ୍ର, ରତ୍ନପ୍ରଭା ପ୍ରଧାନ, ସବିତା ମହାକୁଡ଼ଙ୍କ ସମେତ ବହୁ ଆଚାର୍ଯ୍ୟା ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସେହିପରି ଜେଜେବାପା ଜେଜେମା ସମ୍ମିଳନୀରେ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଢେଙ୍କାନାଳ ପ୍ରମୁଖ ସୁଧୀର କୁମାର ମିଶ୍ର ଯୋଗଦେଇ ଶିଶୁଙ୍କ ପାଇଁ ଜେଜେବାପା ଜେଜେମା'ଙ୍କ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ ।

# କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ର ପରିଚୟ ପାଇପାରିବେ

ବଇଣ୍ଡା,୯।୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଫୁଲମ୍ଭା ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଆମ୍ବପାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ନାକିଚି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ବଡ଼ମାଳି ଯୋଗ ଦେଇଥିଲେ। ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ ଆଦି ଅନେକ କ୍ରୀଡ଼ା ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅନୁଗୋଳ ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର ଯୋଗଦେଇ କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ର ସେମାନଙ୍କ ପରିଚୟ ସୃଷ୍ଟି କରିପାରିବେ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ କିଶୋରନଗର ମଙ୍ଗଳ ଅଧିକାରୀ ତ୍ରିଦିବ ସୁନ୍ଦର ବରାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମଣ ପ୍ରଧାନ, ସିଆର୍‌ସିସି ପ୍ରତାପ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ, ଅଞ୍ଜନା ସାହୁ, ଧରଣୀଧର ସେଠୀ, ଶୁଭଶ୍ରୀ ସାମଲ, ନିହାର ଦେଓ, ପ୍ରଦୀପ କୁମାର ମାଝୀ, ସୁବଳ ଭୂତିଆ ପ୍ରମୁଖ ଯୋଗ ଦେଇଥିଲେ।



# ମିଶନ ଜୀବନ କାର୍ଯ୍ୟକ୍ରମରେ ୬୪ୟୁନିଟ ରକ୍ତ ସଂଗୃହିତ

ଢେଙ୍କାନାଳ,୯।୧(ରତନ ନାୟାର)

ଢେଙ୍କାନାଳ ଡିଭିଜନ ଟିପିସିଓଡିଏଲ ପକ୍ଷରୁ ସ୍ଥାନିୟ ଗ୍ରାହକ ସେବା କାର୍ଯ୍ୟାଳୟ ନିକଟସ୍ଥ ନୂତନ ବିଲ୍ଡିଂଠାରେ ବୁଧବାର ମିଶନ ଜୀବନ କାର୍ଯ୍ୟକ୍ରମ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲା ରକ୍ତଭଣ୍ଡାର ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ୬୪ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାନ ଶିବିର ଆୟୋଜନ କରି କମ୍ପାନୀ ଗୋଷ୍ଠୀ ତଥା ସାମାଜିକ କଲ୍ୟାଣ କ୍ଷେତ୍ରରେ ନିଜ ସଫଳତା ତାଲିକାରେ ଏକ ନୂଆଫର୍ଦ୍ଦ ଯୋଡିଛି ବୋଲି ଅଧିକାରୀ ଓ କର୍ମଚାରୀମାନେ ସୂଚନା ଦେଇଥଲେ । ଶିବିରରେ ମୁଖ୍ୟ ଅତିଥି ଭାବେ ସିଏସ୍‌ଆର ମୁଖ୍ୟ ପ୍ରଦୀପ କୁମାର ଘୋଷାଲ ଅଂଶଗ୍ରହଣ କରିଥିଲେ । ଅଧୀକ୍ଷଣ ଯନ୍ତ୍ରୀ ସୁଜିତ କୁମାର ସାହୁ, ନିର୍ବାହୀ ଯନ୍ତ୍ରୀ ବେଣୁଧର ଦାସ, ବାଣିଜ୍ୟ ବିଭାଗ ମୁଖ୍ୟ ବିଶ୍ୱଜିତ ପରିଜା, ଏନଫୋର୍ସମେଣ୍ଟ ମୁଖ୍ୟ ଦୁର୍ଗାଶଙ୍କର ଦାସ, ସୁରକ୍ଷା ମୁଖ୍ୟ ଆଶିଷ କୁମାର ତ୍ରିପାଠୀ, ସିଏସ୍‌ଏମ୍ ବିବେକ ରଞ୍ଜନ ସାହୁ, ଟିଏଲଏମ୍ ଡିସି ସନ୍ଦିପ ମାଝୀ ଉପସ୍ଥିତ ଥିଲେ । ସୌରଭ ଦେବଦର୍ଶୀ ଓ ଶୁଭମ ପୁରୋହିତ ଶିବିର ଆୟୋଜନରେ ନେତୃତ୍ୱ ନେଇଥିଲେ ।



ଟିପିସିଓଡିଏଲ ପକ୍ଷରୁ ରକ୍ତଦାନ ଶିବିର

# ପଞ୍ଚଧାରା ଭେଟେରାନ୍ସର ବାର୍ଷିକ ପାରିବାରିକ ସମ୍ମିଳନୀ



ବଇଣ୍ଡା,୯।୧(ପରିକ୍ଷିତ ସାହୁ): ପଞ୍ଚଧାରା ଭେଟେରାନ୍ସ ଆସୋସିଏଶନ୍‌ର ବାର୍ଷିକ ପାରିବାରିକ ସମ୍ମିଳନୀ କିଶୋରନଗର ବ୍ଲକ ନାକିଚି ପଥପ୍ରାନ୍ତ ପ୍ରାଙ୍ଗଣ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ, କିଶୋରନଗର, ବଇଣ୍ଡା, ଜରପଡ଼ା ଅଞ୍ଚଳର ବହୁ ଅବସରପ୍ରାପ୍ତ ସୈନିକ ଯୋଗଦେଇଥିଲେ। ପ୍ରମୋଦ କୁମାର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ରଣା ସ୍ୱାଗତ ଅଭିଭାଷଣ ରଖିଥିଲେ। କେତେଜଣ ସୈନିକ ସଦସ୍ୟ ତଥା ସେମାନଙ୍କ ବିଧବାଙ୍କ ବିଭିନ୍ନ ପ୍ରକାର ସମସ୍ୟାର ଦୂରୀକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ନିକଟତମ ହସ୍ପିଟାଲରେ ପହଞ୍ଚାଇବା, ଡାକ୍ତରଖାନା, ମନ୍ଦିର, ବିଦ୍ୟାଳୟ ସଫେଇ ପ୍ରତି ଧ୍ୟାନ ଦେବାକୁ ଯୁବପିଢିଙ୍କୁ ଶିକ୍ଷା ଦେବା ସହ ଜାଗ୍ରତ କରାଇ ସେନାରେ ଭର୍ତ୍ତି କରାଇବା, ରକ୍ତଦାନ ଶିବିର ମାଧ୍ୟମରେ ରକ୍ତ ସଂଗ୍ରହ କରି ନିକଟତମ ଜିଲା ଡାକ୍ତରଖାନକୁ ପଠାଇବା ପରି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିବାକୁ ଦୃଢ଼ ପଦକ୍ଷେପ ନିଆଯାଇଥିଲା। ଶେଷରେ ମହିଳା ଏବଂ ପିଲାମାନଙ୍କ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା କରାଯିବା ସହ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଅଶୋକ କୁମାର ଶତପଥୀ, ପ୍ରଶାନ୍ତ କୁମାର ସାହୁ, ପବିତ୍ର ରଣା, ପ୍ରଦୀପ କୁମାର ପ୍ରଧାନ, ସନ୍ତୋଷ କୁମାର ନାୟକ, ସୁନିଲ କୁମାର ପ୍ରଧାନ, ନିହାର ରଞ୍ଜନ ପ୍ରଧାନ, ଅଶୋକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# କପିଳାସ ସୁରକ୍ଷା ପରିଷଦର ଦ୍ୱିତୀୟ ବୈଠକ

ଢେଙ୍କାନାଳ,୯।୧(ରତନ ନାୟାର)




ଢେଙ୍କାନାଳ ଜିଲା କପିଳାସ ସୁରକ୍ଷା ପରିଷଦର ଦ୍ୱିତୀୟ ବୈଠକ କପିଳାସସ୍ଥିତ ଗୋଷ୍ଠୀ ସୁବିଧା କେନ୍ଦ୍ରଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଦେଓଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ବିଜୟ କୁମାର ଦେହୁରୀ ସଭାପତିତ୍ୱ କରିଥିଲେ । ଆସନ୍ତା ୧୧ ତାରିଖରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର କପିଳାସ ଗସ୍ତ ଅବସରରେ କପିଳାସରେ ବିଭିନ୍ନ ସମସ୍ୟା ଓ ଉନ୍ନୟନ କାର୍ଯ୍ୟ ପାଇଁ ତାଙ୍କୁ ୧୧ଦଫା ସମ୍ବଳିତ ଏକ ଦାବିପତ୍ର ଦିଆଯିବା ପାଇଁ ସ୍ଥିର ହୋଇଥିଲା । ସେହିପରି କପିଳାସ ସୁରକ୍ଷା ପରିଷଦର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ କେନ୍ଦ୍ରମନ୍ତ୍ରୀଙ୍କୁ କପିଳାସ ପୀଠରେ ସ୍ୱାଗତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ସେହିପରି ଜିଲାପାଳଙ୍କୁ କପିଳାସ ପୀଠରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଉପରେ ଏକ ୨୨ଦଫା ସମ୍ବଳିତ ଏକ ଦାବିପତ୍ର ଦେବା ପାଇଁ ସରପଞ୍ଚ ବିଜୟ କୁମାର ଦେହୁରୀ, ମଳୟ କୁମାର ସିଂହ ଓ ସେବାୟତ ସଂଘର ସମ୍ପାଦକଙ୍କୁ ଦାୟିତ୍ୱ ଅର୍ପଣ କରାଗଲା । ବୈଠକରେ ପରିଷଦର ଉପଦେଷ୍ଟା ପୂର୍ବରତନ ବିଧାୟକ ନବୀନ ନନ୍ଦଙ୍କ ସମେତ ଗଁଦିଆ ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକ, ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ, ଗୋବର୍ଦ୍ଧନ ନାୟକ, ଦୁଷ୍ମନ୍ତ ମହାନ୍ତି, ବିଶ୍ୱଜିତ ପତି, ବିଜୟ ଷଡଙ୍ଗୀ, ଦେବରାଜ ସାହୁ, ହିଂମାଂଶୁ ମହାପାତ୍ର, ଶ୍ରୀଶେଷ ପତି, ସନ୍ତୋଷ ମହାପାତ୍ର, ପ୍ରକାଶ ପତି, ସମ୍ପିତ ପତି, ଗୋବିନ୍ଦ ପତି, ଆଶୁତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅସିତ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

# ପ୍ଲାଷ୍ଟିକ୍ ବର୍ଜନ କରି ପରିବେଶ ସୁସ୍ଥ ରଖିବାକୁ ଆହ୍ୱାନ

## ପରିବେଶ ସୁରକ୍ଷା କର୍ମଶାଳା

ଢେଙ୍କାନାଳ,୯।୧(ରତନ ନାୟାର)

ଢେଙ୍କାନାଳ ଜିଲା ବିଦ୍ୟାଳୟର ପରିବେଶ କ୍ଲବ୍ ମାର୍ଗଦର୍ଶୀ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ପରିବେଶ ସୁରକ୍ଷା ସଂକ୍ରାନ୍ତ ଏକ କର୍ମଶାଳା ବୁଧବାର ଆଞ୍ଚଳିକ ବିଜ୍ଞାନକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ବନ ସଂରକ୍ଷକ କୁଞ୍ଜବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଡିଏଫ୍‌ଓ ସୁମିତ୍ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ର ବ୍ୟାପକ ଅପକାରିତା ଓ ପରିବେଶ ନଷ୍ଟକାରୀ ଗୁଣଗୁଡିକ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇ ଏହାଠୁ ଦୂରରେ ରହିବା ପାଇଁ ନିବେଦନ କରିଥିଲେ । ଛାତ୍ରୀଛାତ୍ରଙ୍କ ମାଧ୍ୟମରେ ନିକଟବର୍ତ୍ତୀ ଗ୍ରାମଗୁଡିକରେ ମଧ୍ୟ ଏହା ବିରୋଧରେ ସଚେତନତା ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ପ୍ରକୃତିବନ୍ଧୁ ବିଦ୍ୟାଳୟ ପରିବେଶ କ୍ଲବ୍ ସମୂହର ବରିଷ୍ଠ ମାଷ୍ଟର୍ ଟ୍ରେନର ପ୍ରଦ୍ୟୁମ୍ନ ରଥ ଯୋଗଦେଇ ବିଦ୍ୟାଳୟଗୁଡିକରେ 'ସ୍ୱଚ୍ଛ ପରିବେଶ-ସୁନ୍ଦର ପରିବେଶ' ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଢେଙ୍କାନାଳ ଜନ ସଂଚାର ସଂସ୍ଥାନର ଆବାସିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ ଢେଙ୍କାନାଳ ଭଳି ପାର୍ବତ୍ୟ ଉପତ୍ୟକାର ସହରରେ ବାୟୁ ଗୁଣବତାମାନଙ୍କ ଇଣ୍ଡେକ୍ସ ୨୭୯ ରହିବା ଉଦ୍‌ବେଗର ବିଷୟ ବୋଲି କହିଥିଲେ । ଏହା ଆମ ପ୍ରଦୂଷଣ ମାତ୍ରାକୁ ସୂଚାଉଛି । ପରିବେଶ ସୁରକ୍ଷା ଓ ସହରରେ ସ୍ୱଚ୍ଛତା ରଖିବା ଦିଗରେ ଜନ ସଂଚାର ସଂସ୍ଥାନ ଆବଶ୍ୟକୀୟ ସହଯୋଗ କରିବା ସହ ଏହାର ନିଜସ୍ୱ କ୍ୟାମ୍ପସକୁ ପ୍ଲାଷ୍ଟିକ୍‌ମୁକ୍ତ ଅଞ୍ଚଳ ଘୋଷଣା କରିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିଜୟ କୁମାର ଦାଶ ପଲିଥିନ୍ ଜରିର ବ୍ୟାପକତା କିଭଳି ଆମର ପରିବେଶକୁ ରାକ୍ଷସ ଭଳି ଗ୍ରାସକରି ଚାଲିଛି ତାହା ବୁଝାଇ ଏହାର ଅପମୋଦନ ପାଇଁ ସମସ୍ତେ ଆଗେଇ ଆସିବା ଦରକାର ବୋଲି କହିଥିଲେ । ଏହି ଅବସରରେ ଜିଲାର ପ୍ରକୃତିବନ୍ଧୁ ଓ ପ୍ରକୃତିମିତ୍ର ଅନୁଷ୍ଠାନଗୁଡିକୁ ଅତିଥିମାନେ ସରକାରଙ୍କ ପ୍ରମାଣପତ୍ର ଓ ଅର୍ଥରାଶୀ ଦେଇ ସମ୍ମାନିତ କରିଥିଲେ । କପିଳାସ ଚିଡିଆଖାନାରେ ପ୍ରାଣୀତତ୍ତ୍ୱବିତ୍ ଆଲୋକ ନାୟକ ପ୍ଲାଷ୍ଟିକ୍‌ର ଅପକାରିତା ସଂପର୍କରେ ଦୃଶ୍ୟଶ୍ରାବ୍ୟ ବ୍ୟବସ୍ଥା ମାଧ୍ୟମରେ ବୁଝାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।



ମାର୍ଗଦର୍ଶୀ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ପରିବେଶ ସୁରକ୍ଷା ସଂକ୍ରାନ୍ତ କର୍ମଶାଳା।

